# କୀର୍ତ୍ତନ

❋❋❋❋❋❋❋❋❋❋❋❋❋❋❋❋❋❋❋❋❋❋❋❋❋❋❋❋❋

– ମନ୍ଦିରରେ ଅଥବା ଅନ୍ୟ ସତ୍‌ସଙ୍ଗ ସ୍ଥାନରେ କୀର୍ତ୍ତନର ପ୍ରତିନିଧିତ୍ୱ କରିବା ଏକ ବଡ଼ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ । କାରଣ ଏହି ଭକ୍ତ ବିଗ୍ରହଙ୍କ ସମ୍ମୁଖରେ ସମସ୍ତ ଭକ୍ତବୃନ୍ଦଙ୍କର ପ୍ରତିନିଧିତ୍ୱ କରିଥାନ୍ତି । ଅତଏବ ଉପଯୁକ୍ତ ଶାସ୍ତ୍ର ଜ୍ଞାନ ଲାଭ କରି କିମ୍ବା ବରିଷ୍ଠ ଭକ୍ତଙ୍କର ଆଦେଶରେ କୌଣସି ଭକ୍ତ କୀର୍ତ୍ତନର ପ୍ରତିନିଧିତ୍ୱ କରିବା ଉଚିତ୍ ।

–କେବଳ ପ୍ରାମାଣିକ ଭଜନ ଗାନ କରିବା ଉଚିତ୍ । କୀର୍ତ୍ତନ ଶେଷରେ ସମସ୍ତ ଆଚାର୍ଯ୍ୟଙ୍କର ଜୟଧ୍ୱନୀ ଏବଂ ଭଗବାନ ତଥା ତାଙ୍କ ଧାମର ଜୟଧ୍ୱନୀ, ସେଠାରେ ଉପସ୍ଥିତ ଥିବା ବରିଷ୍ଠ ଭକ୍ତଙ୍କ ଦ୍ୱାରା ଦିଆଯିବା ଉଚିତ୍ ।

– ଆମର ପରମ୍ପରାର ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ଆବିର୍ଭାବ ଦିବସ ଅଥବା ତିରୋଭାବ ଦିବସ ବ୍ୟତିତ ଅନ୍ୟ ସମସ୍ତ ସତସଙ୍ଗ ସମୟରେ ସମସ୍ତ ଆଚାର୍ଯ୍ୟ ତଥା ଭଗବାନ ଓ ତାଙ୍କ ଧାମର ଜୟଧ୍ୱନୀ ଦେବା ଉଚିତ୍ । ବିଶେଷ ସତସଙ୍ଗ ସମୟରେ ଅନ୍ୟ ବିଶେଷ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଅନ୍ୟ ଜୟଧ୍ୱନୀ ସହିତ ସେ ବିଶେଷ ବ୍ୟକ୍ତିଙ୍କର ଗୌରବ ଗାନ କରିବା ଉଚିତ୍ ।

– ଦିନରେ ଅଲଗା ଅଲଗା ସମୟରେ ନିର୍ଦ୍ଦିଷ୍ଟ ଭଜନ ନିର୍ଦ୍ଦିଷ୍ଟ ରାଗରେ ଗାନ କରିବା ଉଚିତ୍ । ଉଦାହରଣ ସ୍ୱରୂପ ମଙ୍ଗଳା ଆରତୀ (ସଂସାର ଦାବାନଳ ତଥା ମହାମନ୍ତ୍ର) ପ୍ରଭାତି ସ୍ୱରରେ ଗାନ କରିବା ଉଚିତ୍ ।

– କୀର୍ତ୍ତନ ପ୍ରତିନିଧିତ୍ୱ କରୁଥିବା ସମୟରେ କୀର୍ତ୍ତନକୁ ସରଳ ରାଗରେ ଗାନ କରିବା ଉଚିତ୍ ଯେପରି ଉପସ୍ଥିତ ଭକ୍ତ ସରଳ ଭାବରେ ଗାନ କରିପାରିବେ ।

–ଅନ୍ୟ ଭକ୍ତମାନେ ପ୍ରମୁଖ ଗାୟକଙ୍କ ରାଗରେ ଭଜନ ଗାନ କରିବା ଉଚିତ୍ । ସେଥିପାଇଁ ପ୍ରମୁଖ ଗାୟକଙ୍କ ସ୍ୱର ପ୍ରତି ସୂକ୍ଷ୍ମ ଧ୍ୟାନ ଦେବା ଆବଶ୍ୟକ ।

– ସମସ୍ତ ଭକ୍ତ ଏକ ସ୍ୱରରେ ଏବଂ ଅତ୍ୟନ୍ତ ଉତ୍ସାହ ପୂର୍ବକ ଗାନ କରିବା ଉଚିତ୍ । ମୃଦଙ୍ଗ ତଥା କରତାଳ ବାଦକଙ୍କୁ ପ୍ରମୁଖ ଗାୟକଙ୍କ ନିକଟରେ ରହିବା ଆବଶ୍ୟକ । ପ୍ରମୁଖ ଗାୟକଙ୍କ ପ୍ରତି ଭଲ ଭାବରେ ଧ୍ୟାନ ଦେଇ ତାଙ୍କର ଗାନ ଅନୁସାରେ ବାଦ୍ୟ ଯନ୍ତ୍ରର ବେଗକୁ କମ୍ କିମ୍ବା ବେଶି କରିବା ଉଚିତ୍ । ଅତଏବ କରତାଳ ତଥା ମୃଦଙ୍ଗ ବାଦକଙ୍କୁ ଅତି କୁଶଳୀ ହେବା ଆବଶ୍ୟକ ।

– ପ୍ରାତଃ କାଳୀନ କାର୍ଯ୍ୟକ୍ରମର କ୍ରମ ନିର୍ଣ୍ଣୟ ନିମ୍ନଲିଖିତ ପ୍ରକାରେ ଯଥା ସଂସାର ଦାବାନଳ ପ୍ରାର୍ଥନା, ପଞ୍ଚତତ୍ତ୍ୱ ମନ୍ତ୍ର, ହରେକୃଷ୍ଣ ମହାମନ୍ତ୍ର, "ହରି ହରୟେ ନମଃ କୃଷ୍ଣ ଯାଦବାୟ ନମଃ" କୀର୍ତ୍ତନର ଅଧାଭାଗ, ହରେକୃଷ୍ଣ ମହାମନ୍ତ୍ର ଓ ଅବଶେଷେ ଜୟଗାନ କୀର୍ତ୍ତନ ହେବା ଆବଶ୍ୟକ ।

– ପ୍ରାତଃ କାଳୀନ କାର୍ଯ୍ୟକ୍ରମ ସମୟରେ ଗାନ କରାଯାଉଥିବା ଗୁର୍ବାଷ୍ଟକ, ନୃସିଂହ ଆରତୀ, ତୁଳସୀ ଆରତୀ ଇତ୍ୟାଦି ପ୍ରାର୍ଥନାର ପ୍ରତ୍ୟେକ ପଙ୍କ୍ତି କେବଳ ଗୋଟିଏ ଥର ଗାନ କରିବା ଉଚିତ୍ । କୀର୍ତ୍ତନ କେବଳ ଉଚ୍ଚସ୍ୱରରେ କରିବା ପୂର୍ଣ୍ଣତା ନୁହେଁ । ଅଧିକନ୍ତୁ ସ୍ୱର ତାଳକୁ ଠିକ୍ ଭାବରେ ରଖି ସଙ୍ଗୀତ ମଧୁର ସ୍ୱରରେ ଗାନ କରିବା ଉଚିତ୍ ।

# -: ନୃତ୍ୟ :-

-ଆମର ନୃତ୍ୟ ଆନନ୍ଦ ଏବଂ ଭକ୍ତିମୟ ହେବା ଉଚିତ୍ । ଯଦି କୀର୍ତ୍ତନରେ ଉତ୍ସାହ ବଢୁଥାଏ, ତେବେ ଆମକୁ ମଧ୍ୟ ଅଧିକ ଉତ୍ସାହୀ ହେବା ଉଚିତ୍ । କିନ୍ତୁ ଆମ୍ଭର ଉତ୍ସାହରେ ଆମ୍ଭର ବିଶେଷ ମର୍ଯ୍ୟାଦା ଲଙ୍ଘନ ନ ହୁଏ ସେଥିପ୍ରତି ଅଧିକ ଧ୍ୟାନ ଦେବା ଉଚିତ୍ । ଅର୍ଥାତ୍ ଆମର ନୃତ୍ୟ କେବେହେଲେ ମଧ୍ୟ କର୍ମୀ ଲୋକଙ୍କ ପରି ଉଦଣ୍ଡତା ପୂର୍ବକ ଓ ଆଧୁନିକ ଭାବଭଙ୍ଗୀରେ ହେବା ଉଚିତ ନୁହେଁ । କେବଳ ଭଗବାନଙ୍କ ପ୍ରିତୀ ବିଧାନାର୍ଥେ ହେବା ଉଚିତ୍ ।

- ଶ୍ରୀଲ ରୂପ ଗୋସ୍ୱାମୀ କହିଛନ୍ତି ପ୍ରତ୍ୟେକ ବ୍ୟକ୍ତି ବିଗ୍ରହଙ୍କ ସମ୍ମୁଖରେ ନୃତ୍ୟ ପ୍ରଦର୍ଶନକୁ ଶିକ୍ଷା କରିବା ଉଚିତ୍ ।

- ସେ ନୃତ୍ୟ ଆନନ୍ଦଦାୟକ ଏବଂ ଉତ୍ସାହ ପୂର୍ଣ୍ଣ ହେବା ଆବଶ୍ୟକ । ଏହା ଅନ୍ୟକୁ ଯେପରି କଷ୍ଟ ନ ଦିଏ , ତାହା ଦେଖିବା ଆବଶ୍ୟକ । ଶ୍ରୀଲ ପ୍ରଭୁପାଦ ସ୍ୱୟଂ ଉଦାହରଣ ଦେଇ ଦେଖାଇଦେଇଛନ୍ତି କିଭଳି ପାରମ୍ପରିକ ଗୌଡ଼ିୟ ପଦ୍ଧତିରେ ନୃତ୍ୟ କରାଯାଏ । ଏହା ବୀତିତ ଆହୁରି ମଧ୍ୟ ଅନେକ ପ୍ରକାର କୀର୍ତ୍ତନ କରାଯାଏ । ଯେପରି ଭକ୍ତଙ୍କ ମେଳରେ ସମୁହ ଭାବରେ କୀର୍ତ୍ତନ କରି ଜଣେ ଅନ୍ୟ ଜଣଙ୍କ ନିକଟକୁ ଆସି ପୁଣି ଦୂରେଇ ଯାନ୍ତି । ବିଗ୍ରହଙ୍କ ସମ୍ମୁଖକୁ ମୁଖକରି ଜଣଙ୍କ ପରେ ଜଣେ କିଛିପାଦ ଆଗକୁ ଆସି ପୁଣି କିଛିପାଦ ପଛେଇ ଯାନ୍ତି ।

- ଭକ୍ତଙ୍କ ସହିତ ଅନେକ ପ୍ରକାରେ କୀର୍ତ୍ତନ କରି ଆବଶ୍ୟକତାନୁସାରେ ହାତ ଉଠାଇବା ଉଚିତ୍ । ଅଥବା ଉପରକୁ କିମ୍ବା ତଳକୁ କରିବା ଉଚିତ୍ ।

- ଏହି କୀର୍ତ୍ତନ କୌଣସି ଦର୍ଶନୀୟ ଦୃଶ୍ୟ ନୁହେଁ । ଭକ୍ତ ଏହି କୀର୍ତ୍ତନକୁ ଦର୍ଶନ କରି ଗୋଟିଏ ସ୍ଥାନରେ ଛିଡ଼ାହେବା ଉଚିତ୍ ନୁହେଁ । ସମସ୍ତେ ଏହି କୀର୍ତ୍ତନରେ ଅଂଶଗ୍ରହଣ କରିବା ଉଚିତ୍ । ପୁଣି ମଧ୍ୟ ଯାହାର କୀର୍ତ୍ତନ କରିବାରେ ଇଚ୍ଛା ନାହିଁ (ବିଶେଷ ରୂପରେ ଅତିଥି, ନୂତନ ଭକ୍ତ, ଅଥବା ରୋଗୀ) ଏମାନଙ୍କୁ ତାଙ୍କର ଇଚ୍ଛା ବିରୁଦ୍ଧରେ ବାଧ୍ୟ କରିବା ଉଚିତ୍ ନୁହେଁ ।

- ଯଦି କୌଣସି ବିଶେଷ ପ୍ରକାର ନୃତ୍ୟ କଲେ ଅନ୍ୟକୁ କଷ୍ଟ ହୋଇଥାଏ ତେବେ ସେ ନୃତ୍ୟ କରିବା ଉଚିତ୍ ନୁହେଁ । ଯେପରି :-

* ଦୁଇ ଭକ୍ତ ନିଜ ନିଜ ମଧ୍ୟରେ ହାତ ଧରାଧରି ହୋଇ ଦୃତବେଗରେ ଘୁରିବା ।
* ପୁରା ହାତକୁ ପ୍ରସାର କରି ନିଜେ ଜୋରରେ ଘୁରିବା
* ଛୋଟ ପିଲାଙ୍କୁ କିମ୍ବା ବଡ଼ ଲୋକକୁ ଉପରକୁ ଟେକିଦେବା କିମ୍ବା ଫିଙ୍ଗିଦେବା ।
* ଗୋଲାକାର ଭାବରେ କୀର୍ତ୍ତନ କରି ଜଣେ ଅନ୍ୟ ଜଣକୁ ଆଘାତ କରିବା

- ସ୍ତ୍ରୀ ଓ ପୁରୁଷ ମାନେ ଅଲଗା ଅଲଗା ସ୍ଥାନରେ ନୃତ୍ୟ ଓ କୀର୍ତ୍ତନ କରିବା ଉଚିତ୍ ।

- ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ନୃତ୍ୟ ଶୈଳୀରେ ହାତ ଉଠାଇ ଉତ୍ସାହ ପୂର୍ବକ ତଥା ଭକ୍ତି ଭାବରେ ନୃତ୍ୟ କରିବା ପରିପୂର୍ଣ୍ଣ କୀର୍ତ୍ତନ ଅଟେ ।